# ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ପାଇଁ ପ୍ରବାସୀ ଓଡ଼ିଆଙ୍କ ଗୁରୁତ୍ୱ

ଭୁବନେଶ୍ୱର, ତା ୧୭।୭ (ତଥ୍ୟ)– ଦେଶର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ଶିକ୍ଷାୟତନ ଭାବରେ ପରିଗଣିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ପ୍ରତିଷ୍ଠା କ୍ଷେତ୍ରରେ ଅତ୍ୟନ୍ତ ଆଗଭର ହୋଇ ପଦକ୍ଷେପ ନେଉଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ପଛରେ ପଡ଼ିଯିବା ଉଚିତ ନୁହେଁ ବୋଲି ଆମେରିକାରେ ବସବାସ କରୁଥିବା ଉଚ୍ଚ ଶିକ୍ଷିତ ପ୍ରବାସୀ ଓଡ଼ିଆମାନେ ଦୃଢ଼ ମତପୋଷଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ଗୋଟିଏ ପରେ ଗୋଟିଏ ଆଇଆଇଟି ତାହାର ଶାଖା ବିସ୍ତାର କରିବାରେ ଲାଗିଛନ୍ତି । ଏହି କ୍ରମରେ ଆଇଆଇଟି ଖଡ଼ଗପୁର, କଲକାତାର ରଜାରହାଟଠାରେ ଏକ ଶାଖା ଖୋଲିବା ପାଇଁ ସ୍ଥିର କରିବା ସଙ୍ଗେ ସଙ୍ଗେ ଆଉ ଏକ ଶାଖା ଅନ୍ୟ ଏକ ରାଜ୍ୟରେ ଖୋଲିବା ଲାଗି ଯୋଜନା କରୁଛି । ତେଣୁ ଆମ ରାଜ୍ୟ ସରକାର ଏହି ସୁଯୋଗକୁ ହାତଛଡ଼ା କରିବା ଆଦୌ ଉଚିତ ହେବ ନାହିଁ ବୋଲି ଆରିଜୋନା ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଚିତ୍ତ ବରାଳ ମତପ୍ରକାଶ କରିଛନ୍ତି ।

ପ୍ରଫେସର ବରାଳ ଓଡ଼ିଶା ସୋସାଇଟ୍ ଅଫ୍ ଆମେରିକାର ଜଣେ ସକ୍ରିୟ ସଦସ୍ୟ । ଏହାର ସ୍ୱତନ୍ତ୍ର ଅଧିବେଶନରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଗୁରୁତ୍ୱ ଆରୋପ କରାଯାଇଥିବାବେଳେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ (ଏନ୍‌ଆଇଏସ୍) ଓଡ଼ିଶା ହରାଇଥିବା ପରିପ୍ରେକ୍ଷୀରେ ବର୍ତ୍ତମାନ ଆଇଆଇଟି ପ୍ରତିଷ୍ଠା ସକାଶେ ସ୍ୱତନ୍ତ୍ର ଉଦ୍ୟମ ନ କଲେ ତାହା ମଧ୍ୟ ହାତଛଡ଼ା ହୋଇଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ବର୍ତ୍ତମାନ ମୁମ୍ବାଇ ଆଇଆଇଟି ଗୋଆ, ପୁଣେ ଓ ଅନ୍ୟ ଏକ କେନ୍ଦ୍ରରେ ତିନିଗୋଟି ସ୍ୱତନ୍ତ୍ର କ୍ୟାମ୍ପସ୍ ପ୍ରତିଷ୍ଠା କରୁଥିବାବେଳେ ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅନୁରୋଧ କରାଯିବା ନିମନ୍ତେ ପ୍ରଫେସର ବରାଳ ଯୁକ୍ତି ଉପସ୍ଥାପନା କରିଛନ୍ତି ।

ଆମେରିକାରେ ବସବାସ କରୁଥିବା ପେସାଦାର ଓଡ଼ିଆମାନଙ୍କର ଯୁକ୍ତି ଏହି ଯେ ଯଦି ଆମ ରାଜ୍ୟରେ ଆଇଆଇଟି ଓ ଏନ୍‌ଆଇଏସ୍ ଭଳି ଶିକ୍ଷାୟତନ ପ୍ରତିଷ୍ଠା ନ ହୁଏ ତେବେ ବର୍ତ୍ତମାନ ସମଗ୍ର ଦେଶରେ ଯେଉଁ ବେଗରେ ଉଚ୍ଚଶିକ୍ଷାର ଅଗ୍ରଗତି ହେଉଛି ତାହା ସହିତ ଓଡ଼ିଶା ତାଳଦେଇ ପାରିବ ନାହିଁ । ଓଡ଼ିଶା ସୋସାଇଟ୍ ଅଫ୍ ଆମେରିକାର ଉପସଭାପତି ଧୀରେନ୍ଦ୍ର କର କହିଛନ୍ତି ଯେ ବର୍ତ୍ତମାନ ଆଇଆଇଟି ଖଡ଼ଗପୁର ଭୁବନେଶ୍ୱରରେ ତାହାର ଏକ ଶାଖା ଖୋଲିଛି; କିନ୍ତୁ ଏହାକୁ ଏକ ପୂର୍ଣ୍ଣାଙ୍ଗ ଆଇଆଇଟି କ୍ୟାମ୍ପସ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ନ ପକାଇଲେ ତାହା ଅନ୍ୟ ରାଜ୍ୟକୁ ଚାଲିଯିବାର ଆଶଙ୍କା ରହିଛି ।

## ନାଇଜେରିଆରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା

ଭୁବନେଶ୍ୱର, ତା ୧୭।୭– ନାଇଜେରିଆର ଲାଗୋସଠାରେ ଓଡ଼ିଆ ସମାଜ ପକ୍ଷରୁ ଭାରତୀୟ ସାଂସ୍କୃତିକ ପରିଷଦ (ଆଇ.ସି.ଏ.) ମନ୍ଦିର ପରିସରରେ ସଂପ୍ରତି ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି । ଓଡ଼ିଶାରୁ ନାଇଜେରିଆଠାରେ କାର୍ଯ୍ୟରତ ଓଡ଼ିଆମାନଙ୍କ ମଧ୍ୟରୁ ଓଡ଼ିଶା ସମାଜର ପ୍ରମୁଖ କର୍ମକର୍ତ୍ତା ସୌମ୍ୟରଞ୍ଜନ ଜେନା, ଶରତ ସାହୁ, ଅନନ୍ତ ସାବତ, ସୁବ୍ରତ ସାହୁ, ପରାଟ ମହାନ୍ତି, ସୁରଜିତ ଦାସ, ପ୍ରବୋଧ ବେହେରା, ପି.ସି. ସାମଲ, ଓ ମନୋଜ ରଥ ପ୍ରମୁଖ ବହୁ ସଭ୍ୟ ଏହି ପ୍ରତିଷ୍ଠା ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିରେ ନାଇଜେରିଆର ବିଭିନ୍ନ ସଂପ୍ରଦାୟର ଲୋକମାନଙ୍କ ସମେତ ପ୍ରବାସୀ ଓଡ଼ିଆ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇଥିଲେ । ନାଇଜେରିଆ ଓଡ଼ିଆ ସମାଜର ବିଗ୍ରହ ପ୍ରତିଷ୍ଠା କ୍ଷେତ୍ରରେ ଏହି ସାଧୁ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।